ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest & Env. (OD))/937/25-12-2020**

# ପୁରୁଣା ଭୁବନେଶ୍ୱରସ୍ଥିତ 'ଅରଣ୍ୟ' ଫରେଷ୍ଟ ରେଷ୍ଟ ହାଉସ୍‌ର ନୂତନ ବ୍ଲକ୍ ଉଦ୍‌ଘାଟିତ

ଭୁବନେଶ୍ୱର, ତା.୨୫/୧୨/୨୦୨୦

ପୁରୁଣା ଭୁବନେଶ୍ୱରର ବିବେକାନନ୍ଦ ମାର୍ଗରେ ଥିବା ଫରେଷ୍ଟ ରେଷ୍ଟ ହାଉସ୍ 'ଅରଣ୍ୟ'ର ନୂତନ ବ୍ଲକକୁ ଆଜି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଡ. ମୋନା ଶର୍ମା, ଓ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସଂଦୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅବସ୍ଥାପିତ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀମାନେ ସରକାରୀ କାର୍ଯ୍ୟରେ ରାଜଧାନୀ ଭୁବନେଶ୍ୱରକୁ ବହୁ ସମୟରେ ଆସିଥା'ନ୍ତି । ଭୁବନେଶ୍ୱରରେ ରହିବା ପାଇଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି । ଏହାକୁ ଦୃଷ୍ଟିରେ ରଖି 'ଅରଣ୍ୟ' ଫରେଷ୍ଟ ରେଷ୍ଟ ହାଉସ୍‌କୁ ସଂପ୍ରସାରିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ଆରୁଖ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସୁରକ୍ଷିତ ସ୍ମାରକୀ ଭାବେ ସ୍ୱୀକୃତ ନବକିଶୋର ମନ୍ଦିରଠାରୁ ୩୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଏହି 'ଅରଣ୍ୟ' ଫରେଷ୍ଟ ରେଷ୍ଟ ହାଉସ୍ ଥିବାରୁ ନୂତନ ନିର୍ମାଣ ପାଇଁ ଜାତୀୟ ସ୍ମାରକ କର୍ତ୍ତୃପକ୍ଷଙ୍କ 'ଆପତ୍ତି ନାହିଁ ପ୍ରମାଣପତ୍ର' ହାସଲ ପାଇଁ ପତ୍ର ଲେଖାଯାଇଥିଲା ଓ ଏହି ପ୍ରମାଣପତ୍ର ୨୦୧୬ ମସିହା ମାର୍ଚ୍ଚ ୩୧ ତାରିଖରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କ ପାଖକୁ ଆସିଥିଲା ।

ଏହି ନୂତନ ବ୍ଲକ୍ ନିର୍ମାଣ ପାଇଁ ଇଡ୍‌କୋ ସହ ଏକ ବୁଝାମଣା ପତ୍ର ୨୦୧୭ ମସିହା ଫେବୃଆରୀ ୨୧ ତାରିଖରେ ସ୍ୱାକ୍ଷରିତ ହୋଇଥିଲା ଓ ୨୦୧୭ ମସିହା ମାର୍ଚ୍ଚ ୩ ତାରିଖରେ ମନ୍ତ୍ରୀ ଶ୍ରୀ ଆରୁଖ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୨ କୋଟି ୪୪ ହଜାର ଟଙ୍କା ବିନିଯୋଗରେ ଇଡ୍‌କୋ 'ଅରଣ୍ୟ' ଫରେଷ୍ଟ ରେଷ୍ଟ ହାଉସ୍‌ର ଏହି ନୂତନ ବ୍ଲକ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ କରିଛି । ଏହି ବ୍ଲକ୍‌ରେ ୧୦ଟି ଅତ୍ୟାଧୁନିକ ପ୍ରକୋଷ୍ଠ ରହିଛି । ଜଙ୍ଗଲ ଅଧିକାରୀମାନଙ୍କ ରାଜଧାନୀରେ ରହଣି ପାଇଁ ଏହି ନୂତନ ବ୍ଲକ୍ ବେଶ୍ ଉପକାରୀ ସାବ୍ୟସ୍ତ ହେବ ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ